# NATIONAL NEWS BULLETIN (ODIA)

## 12 July - 2025

## Morning Bulletin : 7.15 A.M.

**************************************************

## ମୁଖ୍ୟ ସମ୍ବାଦ

- ଷୋଡ଼ଶ ରୋଜଗାର ମେଳାରେ ଆଜି ୫୧ ହଜାରରୁ ଅଧିକ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିବେ ପ୍ରଧାନମନ୍ତ୍ରୀ
- ସାର୍ବଜନୀନ ହେଲା ଅହମ୍ମଦାବାଦ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାର ପ୍ରାଥମିକ ତଦନ୍ତ ରିପୋର୍ଟ

–ଇଞ୍ଜିନ୍‌କୁ ଇନ୍ଧନ ଯୋଗାଣ ବନ୍ଦ ହୋଇଯିବାରୁ ଘଟିଥିଲା ଦୁର୍ଘଟଣା

- ବିହାରରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଅଭିଯାନରେ ଫର୍ମ ଦାଖଲ କଲେ ୭୪ ପ୍ରତିଶତ ଭୋଟର

ଏବଂ

- ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ତୃତୀୟ ଟେଷ୍ଟର ଆଜି ତୃତୀୟ ଦିନରେ ୧୪୫ ରନ୍‌ରୁ ବ୍ୟାଟିଂ ଆରମ୍ଭ କରିବ ଭାରତ

# ପିଏମ୍-ରୋଜଗାର ମେଳା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡ଼ିଓ କନ୍‌ଫରେନ୍ସିଂ ଜରିଆରେ ଷୋଡ଼ଶ ରୋଜଗାର ମେଳାରେ  ବିଭିନ୍ନ ସରକାରୀ ବିଭାଗ ଏବଂ ସଂଗଠନ ଗୁଡ଼ିକରେ ୫୧ ହଜାରରୁ ଅଧିକ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିବେ ।

ଦେଶର ୪୭ଟି ସ୍ଥାନରେ  ଏହି ରୋଜଗାର ମେଳା ଅନୁଷ୍ଠିତ ହେବ । ଏ ସଂପର୍କରେ ଏକ ରିପୋର୍ଟ :

*ଦେଶର ୪୭ଟି ସ୍ଥାନରେ  ଆଜି ନିଯୁକ୍ତିମେଳା ଅନୁଷ୍ଠିତ ହେବ । ଏଥିରେ ରେଳ, ଗୃହ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ଶ୍ରମ ଏବଂ ନିଯୁକ୍ତି ତଥା ଡାକ ବିଭାଗ ସମେତ ଅନ୍ୟାନ୍ୟ ବିଭାଗ ଓ ମନ୍ତ୍ରଣାଳୟରେ ନବନିଯୁକ୍ତମାନଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରାଯିବ ।  ଏପର୍ଯ୍ୟନ୍ତ ଦେଶରେ ରୋଜଗାର ମେଳା ମାଧ୍ୟମରେ ୧୦ଲକ୍ଷରୁ ଅଧିକ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି । ଦେଶରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଉପରେ ସର୍ବୋଚ୍ଚ ପ୍ରାଥମିକତା ଦେବାପାଇଁ ନିଜର ପ୍ରତିବଦ୍ଧତା ସ୍ୱରୂପ ୨୦୨୨ ମସିହା ଅକ୍ଟୋବର ୨୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ରୋଜଗାର ମେଳାର ଶୁଭାରମ୍ଭ କରିଥିଲେ । ରୋଜଗାର ମେଳା ଯୁବପିଢ଼ିକୁ ସଶକ୍ତ କରିବା ସହିତ ରାଷ୍ଟ୍ର ନିର୍ମାଣରେ ସେମାନଙ୍କ ଭାଗିଦାରୀ ନିମନ୍ତେ ସାର୍ଥକ ଅବସର ପ୍ରଦାନ କରିବା ଦିଗରେ ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏହି ଅବସରରେ ନୂତନ ଭାବେ ନିଯୁକ୍ତ ହେବାକୁ ଥିବା ଏହି ଯୁବବର୍ଗଙ୍କୁ ସମ୍ବର୍ଦ୍ଧିତ କରିବାର କାର୍ଯ୍ୟକ୍ରମ ରହିଛି ।*

*ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ପ୍ରଜ୍ଞା ପରମିତା ଜେନା ।*

# ଏୟାର ଇଣ୍ଡିଆ କ୍ରାସ- ପ୍ରି.ରିପୋର୍ଟ

ଅହମ୍ମଦାବାଦ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାର ପ୍ରାଥମିକ ତଦନ୍ତ ରିପୋର୍ଟ ଗତକାଲି ସନ୍ଧ୍ୟାରେ ସାର୍ବଜନୀନ କରାଯାଇଛି । ଗତମାସ ୧୨

ତାରିଖରେ ଏହି ବିମାନ ଦୁର୍ଘଟଣାରେ ୨୬୦ ଜଣଙ୍କର ମୃତ୍ୟୁ ଘଟିଥିଲା । ବିମାନ ଦୁର୍ଘଟଣା ତଦନ୍ତକାରୀ ସଂସ୍ଥା ତା'ର ୧୫ ପୃଷ୍ଠା ସମ୍ବଳିତ ତଦନ୍ତ ରିପୋର୍ଟରେ ଏ.ଆଇ. ୧୭୧ ଏୟାର ଇଣ୍ଡିଆ ବିମାନର ବୋଇଙ୍ଗ୍ ୭୮୭-୮ ଇଞ୍ଜିନ୍‌ର କାର୍ଯ୍ୟଧାରା ଏବଂ ଦୁର୍ଘଟଣା ସମୟର ବିବରଣୀ ପ୍ରଦାନ କରିଛି ।

ରିପୋର୍ଟ ଅନୁଯାୟୀ ବିମାନ ଉଡ଼ାଣ ଆରମ୍ଭ କରିବାର କିଛି ସେକେଣ୍ଡ ମଧ୍ୟରେ ଇନ୍ଧନ ନିୟନ୍ତ୍ରଣ କରୁଥିବା ବ୍ୟବସ୍ଥା ବନ୍ଦ ହୋଇଯାଇଥିଲା । ଯାହାଫଳରେ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଥିଲା । ପ୍ରାରମ୍ଭିକ ରିପୋର୍ଟ ଅନୁଯାୟୀ ୨ଜଣ ପାଇଲଟଙ୍କ ମଧ୍ୟରୁ ଜଣେ ପାଇଲଟ୍ ଅନ୍ୟ ଜଣକୁ କାହିଁକି ଇନ୍ଧନ ବନ୍ଦ କଲେ ବୋଲି କହୁଥିବା କକ୍‌ପିଟ୍ ଭଏସ୍ ରେକର୍ଡରୁ ଶୁଣାଯାଇଥିଲା । ଅନ୍ୟ ପାଇଲଟ ଜଣକ କହିଥିଲେ ଯେ ସେ ଇନ୍ଧନ ଯୋଗାଣ ବ୍ୟବସ୍ଥାକୁ ବନ୍ଦ କରିନାହାନ୍ତି । ତଦନ୍ତକାରୀ ସଂସ୍ଥା କହିଛି, ଇନ୍ଧନ ନିୟନ୍ତ୍ରଣ କରୁଥିବା ସ୍ୱିଚ୍‌କୁ ପୁଣି କାର୍ଯ୍ୟକ୍ଷମ କରାଯାଇଥିଲେ ମଧ୍ୟ ଗୋଟିଏ ଇଞ୍ଜିନ୍ ବନ୍ଦ ହୋଇଯାଇଥିବାରୁ ତାହାକୁ କାର୍ଯ୍ୟକ୍ଷମ କରାଯାଇ ପାରିନଥିଲା । ବିମାନ ଉଡ଼ାଣ ଆରମ୍ଭ କରିବା ଏବଂ ଦୁର୍ଘଟଣାଗ୍ରସ୍ତ ହେବା ମଧ୍ୟରେ ୩୦ ସେକେଣ୍ଡର ଅବଧି ରହିଥିଲା । ରିପୋର୍ଟରେ କୁହାଯାଇଛି, ସେହି ବିମାନରେ ଥିବା ଦୁଇଜଣ ପାଇଲଟ୍ ଉଡ଼ାଣ କରିବା ପୂର୍ବରୁ ଯଥେଷ୍ଟ ବିଶ୍ରାମ ନେଇଥିଲେ । ଏହି ତଦନ୍ତ ରିପୋର୍ଟରେ ୭୮୭-୮ ବୋଇଙ୍ଗ୍ ଏବଂ ଜେନେକ୍ସ ୱାନ୍-ବି ଇଞ୍ଜିନ୍ ପରିଚାଳକଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ବିଷୟରେ ସୂଚନା ଦିଆଯାଇ ନାହିଁ । ବିମାନର ତୈଳ ଟ୍ୟାଙ୍କ ଏବଂ ଅନ୍ୟାନ୍ୟ ଯନ୍ତ୍ରାଂଶରୁ ଇନ୍ଧନ ନମୁନା ସଂଗ୍ରହ କରାଯାଇ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ ପରୀକ୍ଷାଗାରରେ ପରୀକ୍ଷା କରାଯାଇଛି ଏବଂ ଏହା ସନ୍ତୋଷଜନକ ରହିଛି ।

ଅନ୍ୟପକ୍ଷରେ ତଦନ୍ତକାରୀ ସଂସ୍ଥା ଦୁର୍ଘଟଣାର ଅନ୍ୟାନ୍ୟ ଦିଗ ବିଷୟରେ ତଦନ୍ତ ଜାରି ରଖିଥିବା କୁହାଯାଇଛି **।V/O**

ବୋଇଙ୍ଗ୍ ୭୮୭-୮ ଡ୍ରିମ୍‌ଲାଇନର୍ ବିମାନ ଗୁଜରାଟର ଅହମ୍ମଦାବାଦ ବିମାନ ବନ୍ଦର ସଂଲଗ୍ନ ଅଞ୍ଚଳରେ ଥିବା ବିଜେ ମେଡ଼ିକାଲ କଲେଜ ହଷ୍ଟେଲ ଉପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା, ଯେଉଁଥିରେ ୨୪୨ ଜଣଙ୍କ ମଧ୍ୟରୁ ୨୪୧ଜଣଙ୍କର ମୃତ୍ୟୁ ହୋଇଥିଲା । ଜଣେ ମାତ୍ର ଯାତ୍ରୀ ଜୀବିତ ରହିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ୧୯ଜଣଙ୍କର ମୃତ୍ୟୁ ଘଟିଥିଲା । ବିମାନଟି ଅହମ୍ମଦାବାଦରୁ ଲଣ୍ଡନ ଯାତ୍ରା କରୁଥିଲା । ଇତିମଧ୍ୟରେ ଏୟାରଇଣ୍ଡିଆ ପକ୍ଷରୁ କୁହାଯାଇଛି, ତଦନ୍ତ କାର୍ଯ୍ୟ ଜାରି ରହିଛି ଏବଂ ଏଥିରେ କମ୍ପାନୀ ପକ୍ଷରୁ ସଂପୂର୍ଣ୍ଣ ସହଯୋଗ କରାଯାଉଛି ।

## ଇସି-ବିହାର

ନିର୍ବାଚନ ଆୟୋଗଙ୍କ ସୂଚନା ଅନୁଯାୟୀ, ବିହାରରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମର ଶେଷ ୧୭ ଦିନରେ ୭ କୋଟି ୯୦ ଲକ୍ଷ ଭୋଟର ମତଦାତା ଫର୍ମ ଦାଖଲ କରିଛନ୍ତି । ମୋଟ୍ ଭୋଟର ସଂଖ୍ୟାର ଏହା ୭୪ ପ୍ରତିଶତ ବୋଲି ଜଣାପଡ଼ିଛି । ଚଳିତମାସ ୨୫ ତାରିଖ ପର୍ଯ୍ୟନ୍ତ ଫର୍ମ ଦାଖଲ କରାଯାଇ ପାରିବ ବୋଲି କମିଶନ କହିଛନ୍ତି ।

ସୂଚନା ଅନୁଯାୟୀ ଏହି ଅଭିଯାନରେ ବୁଥ୍ ସ୍ତରୀୟ ଅଧିକାରୀମାନେ ଘରକୁ ଘର ଯାଇ ଭୋଟରମାନଙ୍କୁ ଏ ଦିଗରେ ସହାୟତା କରିବା ସହ ମତଦାତା ଫର୍ମ ଗ୍ରହଣ କରୁଛନ୍ତି । ୩୮ଟି ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ସମେତ କ୍ଷେତ୍ରୀୟ ଅଧିକାରୀ ଓ ଭୋଟର ପଞ୍ଜିକରଣ ଅଧିକାରୀ ୨୪୩ଟି

ବିଧାନସଭା ଆସନ ପରିଦର୍ଶନ କରିଥିବା ବେଳେ ୯୬୩ ଜଣ ସହକାରୀ ଭୋଟର ପଞ୍ଜୀକରଣ ଅଧିକାରୀ ଏହି କାର୍ଯ୍ୟ ଉପରେ ନଜର ରଖିଛନ୍ତି । ଅଭିଯାନକୁ ସଫଳ କରିବା ଲାଗି ୭୮ ହଜାର ବ୍ଲକସ୍ତରୀୟ ଅଧିକାରୀଙ୍କ ସହ ୨୦ ହଜାର ନବନିଯୁକ୍ତ ଅଧିକାରୀ ଓ ଅନ୍ୟାନ୍ୟ ନିର୍ବାଚନ କର୍ମଚାରୀମାନେ କାର୍ଯ୍ୟ କରୁଛନ୍ତି ।

ସୂଚନା ଅନୁଯାୟୀ ୪ଲକ୍ଷରୁ ଅଧିକ ସ୍ୱେଚ୍ଛାସେବୀ ବୟସ୍କ ନାଗରିକ, ଦିବ୍ୟାଙ୍ଗମାନଙ୍କୁ ସହାୟତା କରୁଛନ୍ତି ।

## ରେଲଓ୍ୱେ ରିକ୍ରୁଟ୍‌ମେଣ୍ଟ

ରେଳ ମନ୍ତ୍ରଣାଳୟ ପକ୍ଷରୁ ନିଯୁକ୍ତିପ୍ରକ୍ରିୟାକୁ ସ୍ୱଚ୍ଛ,ଦକ୍ଷ ଏବଂ ପ୍ରଯୁକ୍ତିବିଦ୍ୟା ସଂପନ୍ନ କରିବା ଲାଗି ଅନେକଗୁଡ଼ିଏ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ନିଯୁକ୍ତି ନିମନ୍ତେ ଆବେଦନ କରୁଥିବା ପ୍ରକ୍ରିୟାକୁ ସରଳୀକରଣ କରାଯାଇ ଏକକାଳୀନ ପଞ୍ଜୀକରଣ ବ୍ୟବସ୍ଥା ସମେତ ଅନେକଗୁଡ଼ିଏ ପ୍ରାର୍ଥୀ-ଅନୁକୂଳ ପଦକ୍ଷେପ କାର୍ଯ୍ୟକାରୀ କରାଯାଇଛି । ମନ୍ତ୍ରଣାଳୟର ବିବୃତି ଅନୁଯାୟୀ, ପ୍ରଥମଥର ପାଇଁ ସମସ୍ତ ଗ୍ରୁପ୍-ସି ପଦବୀ ଏବଂ ଲେବୁଲ୍-ଓ୍ୱାନ୍ ବର୍ଗ ପାଇଁ ଗତବର୍ଷଠାରୁ ବାର୍ଷିକ ନିଯୁକ୍ତି କ୍ୟାଲେଣ୍ଡର ପ୍ରଚଳନ କରାଯାଇଛି । ଫଳରେ ପ୍ରାର୍ଥୀମାନେ ବିଜ୍ଞପ୍ତି ପ୍ରକାଶ ପାଇବାଠାରୁ ପରୀକ୍ଷା ଶେଷହେବା ପର୍ଯ୍ୟନ୍ତ ସମସ୍ତ ସୂଚନା ପାଇପାରୁଛନ୍ତି ।

ଅନ୍ୟପକ୍ଷରେ ଆଧାର ଆଧାରିତ ଚିହ୍ନଟ ପ୍ରକ୍ରିୟା, ଫଟୋ ବୈଧତା ଭଳି ବ୍ୟବସ୍ଥା ଗ୍ରହଣ କରାଯାଇଛି । ପ୍ରତ୍ୟେକ ଦିନ ୩୨୫ରୁ ଅଧିକ କେନ୍ଦ୍ରରେ କେନ୍ଦ୍ରପିଛା ୩୫୦ରୁ ଅଧିକ ପ୍ରାର୍ଥୀ ପରୀକ୍ଷା ଦେଉଛନ୍ତି ।

# ଶାହା-କେରଳ ଭିଜିଟ୍

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଦୁଇଦିନିଆ କେରଳ ଗସ୍ତରେ ଯାଇ ଗତକାଲି ରାତିରେ ଥିରୁଅନନ୍ତପୁରମ୍‌ରେ ପହଞ୍ଚିଛନ୍ତି । ବରିଷ୍ଠ ବିଜେପି ନେତା ଏବଂ ଦଳୀୟ କର୍ମୀମାନେ ତାଙ୍କୁ ବିମାନ ବନ୍ଦରରେ ସ୍ୱାଗତ କରିଥିଲେ । ଶ୍ରୀ ଶାହା ଆଜି ସେଠାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ । ଆଜି ସକାଳେ ସେ ବିଜେପିର ନୂତନ ରାଜ୍ୟ ମୁଖ୍ୟାଳୟ ଉଦ୍‌ଘାଟନ କରିବା ପରେ ଶ୍ରୀ ଶାହା' ପୁଥାରି କାଣ୍ଡମ ପଡ଼ିଆରେ ବୁଥ୍ ସ୍ତରୀୟ ଦଳୀୟ କର୍ମୀଙ୍କ ଏକ ବିଶାଳ ସମାବେଶକୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି । ଅପରାହ୍ନରେ ସେ ତାଲି ପାରମ୍ବାର ସ୍ଥିତ ରାଜରାଜେଶ୍ୱର ମନ୍ଦିରରେ ପ୍ରାର୍ଥନା କରିବା ଲାଗି କନ୍ନୁର ଗସ୍ତ କରିବେ । ଆଜି ସନ୍ଧ୍ୟାରେ ଶ୍ରୀ ଶାହା ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ ।

# ଇଣ୍ଡିଆ-ୟୁନେସ୍କୋ

ଭାରତର ମରାଠା ସାମରିକ ଭୂ ଦୃଶ୍ୟକୁ ୟୁନେସ୍କୋ ବିଶ୍ୱ ଐତିହ୍ୟ ତାଲିକାରେ ସ୍ଥାନୀତ କରାଯାଇଛି । ଭାରତର ୪୪ତମ ଐତିହ୍ୟସ୍ଥଳୀ ଭାବରେ ଏହି ସମ୍ମାନଜନକ ମାନ୍ୟତା  ମିଳିଛି । ଭାରତର ସାଂସ୍କୃତିକ ଐତିହ୍ୟକୁ ଲୋକଲୋଚନକୁ ଆଣିବା କ୍ଷେତ୍ରରେ ଏବଂ ଐତିହାସିକ ମୂଲ୍ୟବୋଧକୁ ସ୍ୱୀକୃତି ଦେବା କ୍ଷେତ୍ରରେ ଏହା ମାନ୍ୟତା ପ୍ରଦାନ କରିଥାଏ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ସଂସ୍କୃତିମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱାତ ଏବଂ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସ୍ ଏହି ଐତିହାସିକ ସଫଳତାକୁ ପ୍ରଶଂସା କରିଛନ୍ତି ଓ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ସପ୍ତଦଶ ଶତାବ୍ଦୀରୁ ଉନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ମରାଠା ସାମରିକ ଭୂ ଦୃଶ୍ୟରେ ୧୨ଟି ଦୁର୍ଗ ରହିଛି, ଯାହା ମରାଠା ସାମ୍ରାଜ୍ୟର ରଣନୈତିକ ସାମରିକ ଭିତ୍ତିଭୂମି ସଂପର୍କରେ ସୂଚନା ପ୍ରଦାନ କରିଥାଏ । ମହାରାଷ୍ଟ୍ର ଏବଂତାମିଲନାଡୁରେ ଥିବା ଏହି ସ୍ଥାନଗୁଡ଼ିକ ମଧ୍ୟରେ ସାଲହେର, ଶିବନେରୀ, ଲୋହଗଡ଼, ଖଣ୍ଡେରୀ, ରାୟଗଡ଼, ରାଜଗଡ଼, ପ୍ରତାପଗଡ଼, ସୁବର୍ଣ୍ଣଦୁର୍ଗ, ପାନହାଲା, ବିଜୟ ଦୁର୍ଗ ଏବଂ ମହାରାଷ୍ଟ୍ରର ସିନ୍ଧୁ ଓ ତାମିଲନାଡୁର ଜିଙ୍ଗି ଦୁର୍ଗ ରହିଛି । ଗତବର୍ଷ ଜାନୁୟାରୀରେ ବିଶ୍ୱ ଐତିହ୍ୟ କମିଟିର ବିଚାର ଲାଗି ଏହି ପ୍ରସ୍ତାବ ଦାଖଲ କରାଯାଇଥିଲା ।

# ଟେଷ୍ଟ କ୍ରିକେଟ୍

ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ତୃତୀୟ କ୍ରିକେଟ୍ ଟେଷ୍ଟ ମ୍ୟାଚ୍‌ର ଆଜି ତୃତୀୟ ଦିନରେ ଭାରତ ପ୍ରଥମ ଇନିଂସର ୧୪୫ ରନ୍‌ରୁ ବ୍ୟାଟିଂ ଆରମ୍ଭ କରିବ । ଭାରତୀୟ ସମୟ ଅପରାହ୍ନ ୩ଟା ୩୦ ମିନିଟ୍‌ରେ ମ୍ୟାଚ୍ ଆରମ୍ଭ ହେବ । ଇଂଲଣ୍ଡ ପ୍ରଥମ ଇନିଂସରେ ୩୮୭ରନ୍ ସ୍କୋର କରିଥିବା ବେଳେ ଭାରତ ୨୪୨ ରନ୍ ପଛରେ ରହିଛି ।

ଗତକାଲି ଦ୍ୱିତୀୟ ଦିନରେ ଯଶପ୍ରୀତ୍ ବୁମ୍‌ରା ପ୍ରଥମ ୫ଟି ୱିକେଟ୍ ହାସଲ କରିଥିଲେ । ଭାରତର ପ୍ରଥମ ଇନିଂସରେ ଯଶସ୍ୱୀ ଜୟସ୍ୱାଲ ୧୩ ରନ୍ କରି ଆଉଟ୍ ହୋଇଥିବା ବେଳେ କେ.ଏଲ୍. ରାହୁଲ ଏବଂ କରୁଣ ନାୟାରଙ୍କ ୫୦ ରନ୍ ଇନିଂସ୍‌କୁ ସ୍ଥିରତା ଦେଇଥିଲା ।

୫ ମ୍ୟାଚ୍ ବିଶିଷ୍ଟ ଏହି ଟେଷ୍ଟ ସିରିଜ୍ ବର୍ତ୍ତମାନ ୧-୧ରେ ସମାନ ସ୍ଥିତିରେ ରହିଛି ।

# ଆଇସିସି ଟି-୨୦ କ୍ୱାଲିଫାୟର

ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍ ପାଇଁ ଇଟାଲୀ ପ୍ରଥମଥର ଯୋଗ୍ୟତା ଅର୍ଜନ କରିଛି । ଇଟାଲୀ ସହିତ ନେଦରଲ୍ୟାଣ୍ଡସ୍ ମଧ୍ୟ ଯୋଗ୍ୟତା ହାସଲ କରିଛି । ଆସନ୍ତାବର୍ଷ ଭାରତ ଏବଂ ଶ୍ରୀଲଙ୍କାରେ ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍ ଅନୁଷ୍ଠିତ ହେବ । ଗତକାଲି ସ୍ୱିଜରଲ୍ୟାଣ୍ଡ୍‌ର ହେଗ୍ ରେ ଏହି ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟରେ ଉଭୟ ଇଟାଲୀ ଓ ନେଦରଲ୍ୟାଣ୍ଡ୍‌ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ନେଦରଲ୍ୟାଣ୍ଡ୍‌ସ ୯ ୱିକେଟ୍‌ରେ ଇଟାଲୀକୁ ପରାସ୍ତ କରିଥିଲା । ଏପର୍ଯ୍ୟନ୍ତ ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍ ପାଇଁ ୧୫ଟି ଦଳ ଯୋଗ୍ୟତା ଅର୍ଜନ କରିଥିବା ବେଳେ ଆହୁରି ୩ଟି ଦଳ ଆଗାମୀ ଦିନରେ ଯୋଗ୍ୟତା ଅର୍ଜନ କରିବେ ବୋଲି ଜଣାପଡ଼ିଛି ।